# ଭକ୍ତମେଳରେ ଭାବଗ୍ରାହୀ


କୋରାପୁଟ ଶାବର ଶ୍ରୀକ୍ଷେତ୍ର


କୋଟପାଡ଼


ମାଲକାନଗିରି


ଶ୍ରଦ୍ଧାଶ୍ରୀକ୍ଷେତ୍ର ରାୟଗଡ଼ା


ଗୋପାଳ ଶ୍ରୀକ୍ଷେତ୍ର ତେନ୍ତୁଳିଖୁଣ୍ଟିରେ ରଥ ଉପରେ ତିନି ଠାକୁର।


ଚିତ୍ରକୋଣ୍ଡାରେ ରଥ ଟଣାହେଉଛି ।


ନବରଙ୍ଗପୁର ଜିଲା ଝରିଗାଁରେ ପ୍ରବଳ ବର୍ଷା ସତ୍ତ୍ୱେ ରଥ ଟାଣିବାକୁ ଆସିଥିବା ଶ୍ରଦ୍ଧାଳୁ।


ପାପଡ଼ାହାଣ୍ଡି




ରାୟଗଡ଼ା ଜିଲା ଟିକିରିରେ ବଳଭଦ୍ର, କୋରାପୁଟରେ ଦେବୀ ସୁଭଦ୍ରା ଓ ନବରଙ୍ଗପୁର ଜିଲା ଡାବୁଗାଁରେ ଜଗନ୍ନାଥଙ୍କୁ ପହଣ୍ଡି କରି ନିଆଯାଉଛି।


ରାଇଘରରେ ଛେରାପହଁରା କରାଯାଉଛି ।


ଗୁଣପୁରରେ ମହିଳାମାନେ ସାନ ରଥ ଟାଣୁଛନ୍ତି।


ବିଷମକଟକରେ ରଥାରୂଢ଼ ଚାରୁଦିଅଁ ।


ନବରଙ୍ଗପୁରରେ ରଥରେ ଠାକୁରମାନେ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି।


ଜୟପୁରରେ ରଥାରୂଢ଼ ତିନି ଠାକୁର ।

# ଆଞ୍ଚଳିକ ଖବର

## ହିତାଧିକାରୀଙ୍କୁ ମିଳିନି ୪ ମାସର ଚାଉଳ

ନବରଙ୍ଗପୁର,୨୦।୬
(ସଦାଶିବ ପ୍ରହରାଜ)

ସରକାର ଗରିବଙ୍କ ଆର୍ଥିକ ସ୍ଥିତିକୁ ଦୃଷ୍ଟିରେ ରଖି ଖାଦ୍ୟ ସୁରକ୍ଷା ଯୋଜନାରେ ପଡିକାର୍ଡ ପ୍ରଦାନ କରିଛନ୍ତି। ମୁଣ୍ଡ ପିଛା ୫ କିଲୋ ଚାଉଳ ଯୋଗାଯାଉଛି। ତେବେ କୋକଟି ସେମଳା ପଞ୍ଚାୟତର ୫ ଓ ୬ ନମ୍ବର ୱାର୍ଡରେ ୪ ମାସ ହେବ ଚାଉଳ ମିଳି ନ ଥିବା ଅଭିଯୋଗ ହୋଇଛି। ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଗ୍ରାମବାସୀ ଏ ସମ୍ପର୍କରେ ଜଣାଇଛନ୍ତି। ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକ ଅଧୀନ କୋକଟିସେମଳା ପଞ୍ଚାୟତର ୫ ନମ୍ବର ୱାର୍ଡ ପୂଜାରୀଗୁଡା ଓ ୬ ନମ୍ବର ୱାର୍ଡ ଝରଣଗୁଡା ଗାଁର ଶତାଧିକ ହିତାଧିକାରୀ ମାର୍ଚ୍ଚରୁ ଜୁନ୍ ମାସର ସାଧାରଣ ବଣ୍ଟନ ଚାଉଳ ପାଇ ନାହାନ୍ତି। ଯୋଗାଣ ସହାୟକ ଚାଉଳ ବଣ୍ଟନ କରୁଛନ୍ତି। ଚାଉଳ ଆଣିବାକୁ ଗଲେ ଚାଉଳ ଆସି ନ ଥିବା କରି ଫେରାଇ ଦେଉଥିବା ହିତାଧିକାରୀ ଅଭିଯୋଗ କରିଛନ୍ତି। ପ୍ରତି ପଞ୍ଚାୟତରେ ମାସିକ ଚାଉଳ ପ୍ରଦାନ କରାଯାଉଥିବାବେଳେ କୋକଟି ସେମଳାରେ ଏହାର ବ୍ୟତିକ୍ରମ ଦେଖାଦେଇଛି ବୋଲି ୫ ନମ୍ବର ୱାର୍ଡମେମ୍ବର ତୁଳସା ଭତରା, ୬ ନମ୍ବର ୱାର୍ଡ ମେମ୍ବର ତୁଳାରାମ ମୁଦୁଲି କହିଛନ୍ତି। ଯୋଗାଣ ସହାୟକ ହିତାଧିକାରୀଙ୍କୁ ଚାଉଳ ନ ଦେଇ ବିକ୍ରି କରିଦେଉଥିବ ସନ୍ଦେହ ହେଉଛି ବୋଲି ଗାଁର ବଳରାମ ମୁଦୁଲି, ମତି ମୁଦୁଲି, ଗୁରୁବାରୀ ମୁଦୁଲି, ପଦମ ମୁଦୁଲି, ଜେମାଦେଇ ମୁଦୁଲି, ବଲ ଭତରା, ନାୟବ ସରପଞ୍ଚ ଦୁର୍ଜନ ପୂଜାରୀ, ବାଳକୃଷ୍ଣ ପନକା ପ୍ରମୁଖ କହିଛନ୍ତି। ଝରଣଗୁଡା ଓ ପୂଜାରିଗୁଡା ଗାଁର ହିତାଧିକାରୀଙ୍କୁ ୪ ମାସର ଚାଉଳ ସହ ଯୋଗାଣ ସହାୟକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି। ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀଙ୍କୁ ଭେଟି ଗ୍ରାମବାସୀ ଅଭିଯୋଗ କରିଛନ୍ତି। କୋଷାଗୁମୁଡା ବିଡିଓ ସୁକାନ୍ତ କୁମାର ପଟ୍ଟନାୟକ ଅଭିଯୋଗ ପାଇବା ପରେ ତୁରନ୍ତ ସେଠାକୁ ଯାଇ ହିତାଧିକାରୀଙ୍କ ସହ ଆଲୋଚନା କରିଥିଲେ। ପୂର୍ବରୁ ୫୩୭ ଜଣ ହିତାଧିକାରୀ ଚାଉଳ ପାଇ ନ ଥିଲେ। ଉପରୋକ୍ତ ଦୁଇଟି ଗାଁର ୧୮୦ ପଡିକାର୍ଡ ଧାରୀ ଚାଉଳ ପାଇନାହାନ୍ତି। ନିଜେ ଉପସ୍ଥିତ ରହି ଚାଉଳ ବିତରଣ ଆରମ୍ଭ କରାଇଥିଲେ। ମଙ୍ଗଳବାର ସୁଦ୍ଧା ସମସ୍ତ ହିତାଧିକାରୀ ଚଉଳ ପାଇବେ ବୋଲି ବିଡିଓ ପଟ୍ଟନାୟକ କହିଛନ୍ତି। ଏନେଇ ଯୋଗାଣ ସହାୟକଙ୍କୁ ମଧ୍ୟ ତାଗିଦ କରାଯାଇଥିବା ସେ କହିଛନ୍ତି। ଜିଲା ଯୋଗାଣ ଅଧିକାରୀ ସଞ୍ଜୀବ କୁମାର ସାହୁଙ୍କୁ ପଚାରିବାକୁ ସେ ଘଟଣା ସମ୍ପର୍କରେ ଅବଗତ ନାହାନ୍ତି। ହିତାଧିକାରୀ କିଭଳି ଚାଉଳ ପାଇବେ ଏ ଦିଗରେ ଗୁରୁତ୍ୱ ଦେବେ ବୋଲି ସେ କହିଛନ୍ତି।

## ଜୟପୁରରେ ରଥାରୂଢ଼ ୩ ଠାକୁରଙ୍କ ରଥଟଣା ଆଜି

ଜୟପୁର, ୨୦।୬(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ଐତିହାସିକ ରଥଯାତ୍ରାରେ ତିନିଠାକୁର ପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କୁ ପହଣ୍ଡି କରି ରଥାରୂଢ଼ କରାଯାଇଛି। ବୁଧବାର ସାଢେ ୨ଟାରେ ହେବ ରଥଟଣା। ମଙ୍ଗଳବାର ଅପରାହ୍ନ ସାଢେ ୩ଟାରେ ତିନିଠାକୁରଙ୍କୁ ମନ୍ଦିରରୁ ଅଣାଯାଇ ପ୍ରଥମେ ବ୍ରହ୍ମାସାହି, ଢେରାସାହି, ସାମନ୍ତରାସାହି, ଲାଲ ସାହି, ଶେଷରେ ସୁନାରିସାହିରେ ପହଣ୍ଡି କରାଯାଇଥିଲା। ବଡ଼ଭାଇ ବଳଭଦ୍ରଙ୍କୁ ସୁନାରିସାହିର ସେବାୟତମାନେ ପହଣ୍ଡି କରିଥିବା ବେଳେ ସୁଭଦ୍ରାଙ୍କୁ ଢେରାସାହିର ସେବାୟତ, ପ୍ରଭୁ ଜଗନ୍ନାଥଙ୍କୁ ସାମନ୍ତରାୟ ସାହିର ସେବାୟତ ଓ ପତିତପାବନଙ୍କୁ ବ୍ରହ୍ମାସାହିର ସେବାୟତମାନେ ପହଣ୍ଡିକରି ରଜାନହରସ୍ଥିତ ନବନିର୍ମିତ ରଥରେ ରଥାରୂଢ଼ କରାଯାଇଥିଲା। ଶାନ୍ତିଶୃଙ୍ଖଳା ପାଇଁ ଟାଉନ ଥାନା ପୋଲିସ ପକ୍ଷରୁ ପୋଲିସ ମୁତୟନ କରାଯାଇଥିଲା। ଏଠାରେ ଉପ ଜିଲାପାଳ ବେଦବର ପ୍ରଧାନ, ତହସିଲଦାର ସାଗରିକା ଷଡ଼ଙ୍ଗୀ, ପୌର ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ଟାଉନ ଥାନା ଅଧିକାରୀ ସମ୍ବିତ ବେହେରା, ସଦର ଥାନା ଅଧିକାରୀ ଈଶ୍ୱର ତାଣ୍ଡି, ମହିଳା ଥାନା ଅଧିକାରୀ ମମତା ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଜୟପୁର ପୁରୁଣାଗଡ, ଜୟପୁର ନିକଟସ୍ଥ ବାରିଣିପୁଟ, ଆମ୍ବାଗୁଡା , ବାଟ ଜଗନ୍ନାଥପୁରରେ ମଧ୍ୟ ଶାନ୍ତିଶୃଙ୍ଖଳାର ସହ ରଥଯାତ୍ରା ପାଳନ କରାଯାଇଛି। ଶାନ୍ତିଶୃଙ୍ଖଳାରେ ରଥଟଣା ସମାପନ ହୋଇଥିଲା । ବୁଧବାର ଅପରାହ୍ନ ୨ଟାରେ ରଥଟଣା ରୀତିନୀତି ଅନୁଯାୟୀ ହେବ ବୋଲି ପ୍ରଶାସନ ତରଫରୁ ନିଷ୍ପତ୍ତି ହୋଇଛି ।

## ସ୍ୱର୍ଗରଥ ପ୍ରଦାନ କଲେ ବ୍ୟବସାୟୀ

ବିଷମକଟକ, ୨୦।୬ (ବିଭୂତି ଭୂଷଣ ନାୟକ)

ରାୟଗଡ଼ା ଜିଲା ବିଷମକଟକ ଯୁବ ବ୍ୟବସାୟୀ ସଂଗଠନ ପକ୍ଷରୁ ଜନସାଧାରଣଙ୍କ ନିମନ୍ତେ ସ୍ୱର୍ଗରଥ ଗାଡ଼ିପ୍ରଦାନ କରାଯାଇଛି। ସ୍ଥାନୀୟ କଲ୍ୟାଣ ମଣ୍ଡପଠାରେ ସ୍ୱର୍ଗରଥ ଲୋକାର୍ପଣ ଉତ୍ସବରେ କୋରାପୁଟ ଏମ୍‌ପି ସପ୍ତଗିରି ଉଲ୍ଲାକା ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ବିଷମକଟକ ସଦର ପଞ୍ଚାୟତରେ ଥିବା ସମସ୍ତ ଶ୍ମଶାନ ଗାଁଠାରୁ ଅପେକ୍ଷାକୃତ ବହୁତ ଦୂରରେ ଅବସ୍ଥିତ ଥିବାରୁ ଅନେକ ସମୟରେ ଗ୍ରାମବାସୀ ନିଜ ପ୍ରିୟଜନଙ୍କ ପାର୍ଥିବ ଶରୀରକୁ ଶେଷଯାତ୍ରାରେ ଶ୍ମଶାନ ପର୍ଯ୍ୟନ୍ତ ନେବାରେ ଅନେକ ବାଧା ଉପୁଜିଥାଏ । ଏହିସବୁ ସମସ୍ୟାକୁ ଦୃଷ୍ଟିରେ ରଖି ବିଷମକଟକ ଗ୍ରାମର ପି. ଇଶେଷ ରାଓ, ପି. ରାମବାବୁ, ରବୀନ୍ଦ୍ର କୁମାର ସାହୁ, ପି. ମାଲେଶ୍ୱର ରାଓ ଏବଂ ଅରୁଣ କୁମାର ସାହୁକାର ୫ ଜଣ ବ୍ୟବସାୟୀ ମିଶି ୫ ଲକ୍ଷ ଟଙ୍କା ବ୍ୟୟରେ କିଣିଥିବା



'ସ୍ୱର୍ଗରଥ' ଗାଡ଼ିଟିକୁ ଦାନ ସ୍ୱରୂପ ଗ୍ରାମପଞ୍ଚାୟତକୁ ହସ୍ତାନ୍ତର କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଷମକଟକ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଦେବୀ ପ୍ରସାଦ ପଟ୍ଟନାୟକ, ସରପଞ୍ଚ ନମିତା କୁଲୁସିକା, ନାଏବ ସରପଞ୍ଚ ଜି. ପ୍ରଦୀପ କୁମାର, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ନୀଳମାଧବ ହିକକା ପ୍ରମୁଖ ଯୁବ ବ୍ୟବସାୟୀଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ ଗ୍ରାମବାସୀଙ୍କ ପିଇବା ପାଣିଜନିତ ସମସ୍ୟା ଦୂର ପାଇଁ ପାଣି ଟ୍ୟାଙ୍କର ଦାନ କରିଥିବା ଅନ୍ୟ ଜଣେ ଯୁବ ବ୍ୟବସାୟୀ ଅମିତାଭ ପଟ୍ଟନାୟକ (ପିଣ୍ଟୁ)ଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା ।

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ମାଲକାନଗିର,୨୦।୬(ଦୁର୍ଯ୍ୟୋଧନ ପାତ୍ର)

ସାମାଜିକ କର୍ମୀ ତଥା ଆମ୍ବେଦକର ଲୋହିଆ ବିଚାର ମଞ୍ଚ ସଭାପତି ପ୍ରଭାକର ହନ୍ତାଳଙ୍କ ନେତୃତ୍ୱରେ ବିଭିନ୍ନ ସାମାଜିକ ସଙ୍ଗଠନ କର୍ମକର୍ତ୍ତାମାନେ ଏକ ୪ ଦଫା ସମ୍ବଳିତ ଦାବିପତ୍ର ସୋମବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ମହେଶ୍ୱର ଚନ୍ଦ୍ର ନାଏକଙ୍କୁ ପ୍ରଦାନ କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ ରହିଛି, ଅନୁଗୋଳ ସହରର ବାବା ସାହେବ ଆମ୍ବେଦକର ଫାଉଣ୍ଡେଶନର କ୍ୟାମ୍ପ ଓ ବାବା ସାହେବଙ୍କ ପ୍ରତିମୂର୍ତ୍ତି ଉଚ୍ଛେଦ ଆଦେଶ ରଦ୍ଦ ଓ ନିଃଶୁଳ୍କ ସ୍ଥାୟୀ ପଟ୍ଟା ପ୍ରଦାନ ତଥା ଭୁବନେଶ୍ୱର ଏବଂ ରାଜ୍ୟର ପ୍ରତି ଜିଲାରେ ଆମ୍ବେଡ୍‌କର ଭବନ ପ୍ରତିଷ୍ଠା ନିମନ୍ତେ ସରକାର ଜମି ଯୋଗାଇଦେବାକୁ ଅନୁରୋଧ କରାଯାଇଛି । ସମାଜ ପାଇଁ ଉତ୍ସର୍ଗୀକୃତ ମହାନ୍ ଜନନାୟକ ଯେପରି ବାବା ସାହେବ ଆମ୍ବେଡ୍‌କର, ରାମସ୍ୱାମୀ ପେରିଆର, ଜ୍ୟୋତିଭା ଫୁଲେ, ସାବିତ୍ରୀ ବାଇ ଫୁଲେ, ବିର୍ସା ମୁଣ୍ଡା ଓ ରାମ ମନୋହର ଲୋହିଆଙ୍କ ଜୀବନୀ ଓ ଆଦର୍ଶକୁ ସ୍କୁଲ କଲେଜ ପାଠ୍ୟକ୍ରମରେ ସାମିଲ କରିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ଦାବିପତ୍ର ପ୍ରଦାନ ସମୟରେ ଅନ୍ୟମାନଙ୍କ ମଧ୍ୟରେ ରାଷ୍ଟ୍ରୀୟ କିଷାନ ମଜଦୁର ମହାସଂଘ ଜିଲା ସଭାପତି ସନୁ ଅନୁଗୁ, ଅନୁସୂଚିତ ଜାତି ଓ ଜନଜାତି ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟି ସଭାପତି ଜାରାଶବର ମାଡି, ସହ ସମ୍ପାଦକ ସଚିନ ଦୋରା, ଅଲ ଇଣ୍ଡିଆ ସିଡ୍ୟୁଲ୍ଡ କାଷ୍ଟ ଫେଡେରେଶନ କର୍ମକର୍ତ୍ତା ଉମାଶଙ୍କର ନାୟକ, ପଛୁଆ ବର୍ଗ ସଂଗଠନ ସଦସ୍ୟ ଲକ୍ଷ୍ମଣ ଗୌଡ, ଘାସି ମୁଦୁଲି, ନୀଳାମ୍ବର ରେଗାମ ଓ କୋୟା ସମାଜରୁ ଗଙ୍ଗା ମାଡକାମି, ନନ୍ଦା ମାଡି ଓ ଲଛମନ ମାଡକାମି ପ୍ରମୁଖ ଉପସ୍ଥିତ ଥିଲେ ।

## ଗାଡ଼ି ଧକ୍କାରେ ସାଇକେଲ ଚାଳକ ମୃତ

ରାଇଘର,୨୦।୬(କିରଣ ପଟ୍ଟନାୟକ)

ରାଇଘର ଥାନା ଅଧୀନ ବୋବେଇ ଗ୍ରାମର କୁନା ଗଣ୍ଡ (୪୫) ରବିବାର ସନ୍ଧ୍ୟାରେ ଘରକୁ ଫେରିବା ସମୟରେ ଯୋଡ଼େଙ୍ଗା ଶାନ୍ତିନଗରରେ ଏକ ଗାଡ଼ି ଧକ୍କାରେ ତାଙ୍କର ମୃତ୍ୟୁ ହୋଇଛି। ସୋମବାର ସକାଳେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଯୋଡ଼େଙ୍ଗା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ରଖିଥିଲା। ମୃତକଙ୍କ ପରିଚୟ ମିଳିବା ପରେ ବ୍ୟବଚ୍ଛେଦ କରାଯାଇ ମୃତଦେହକୁ ତାଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି। ପୋଲିସ ଘଟଣାର ତଦନ୍ତ କରୁଥିବା ଥାନାଧିକାରୀ ପ୍ରମୋଦ ନାୟକ କହିଛନ୍ତି।

